# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 November - 2024

### News Editor : Itishree Singh Rathaur

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ପୁଲିସ ଆଉଟ୍‌ପୋଷ୍ଟ ଗୁଡ଼ିକରେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସିସିଟିଭି ଲଗାଯିବା ନେଇ ହାଇକୋର୍ଟଙ୍କୁ ଅବଗତ କଲେ ପୁଲିସ ମୁଖ୍ୟାଳୟ ଏଡିଜି
- ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟାରେ ପ୍ରବାସୀ ଭାରତୀୟ ଦିବସ ୱେବସାଇଟ୍‌ର କରିବେ ଉନ୍ମୋଚନ
- ଦେଶକୁ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଶିକ୍ଷା ସହାୟକ ହେବ; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଲା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କଳାଉତ୍ସବ ‘ଉଦ୍ଭବ’

ଏବଂ

- କାର୍ତ୍ତିକ ମାସର ପଞ୍ଚୁକବ୍ରତ ଆରମ୍ଭ

– ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

***CTC***

## ହାଇକୋର୍ଟ- ଭରତପୁର ମାମଲା

ଓଡ଼ିଶା ହାଇକୋର୍ଟ ଆଜି ଭରତପୁର ଥାନା ମାମଲାର ଶୁଣାଣି କରିଛନ୍ତି। ରାଜ୍ୟ ପୁଲିସ ମୁଖ୍ୟାଳୟ- ଏ.ଡି.ଜି. ଦୟାଲ ଗଙ୍ଗୱାର ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ୯୬ ପ୍ରତିଶତ ଥାନାରେ ସିସିଟିଭି ଲଗାଯାଇଥିବା ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଅବଶିଷ୍ଟ ଥାନାଗୁଡ଼ିକରେ ସିସିଟିଭି ଲଗାଯିବ ବୋଲି ସେ କହିଛନ୍ତି। ପୋଲିସ ଆଉଟ୍‌ପୋଷ୍ଟ ଏବଂ ନୂତନ ପୁଲିସ କାର୍ଯ୍ୟାଳୟଗୁଡ଼ିକରେ ଆସନ୍ତା ବର୍ଷ ମାର୍ଚ୍ଚମାସ ଶେଷ ସୁଦ୍ଧା ସିସିଟିଭି ଲଗାଯିବ ବୋଲି ଶ୍ରୀ ଗଙ୍ଗୱାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

***BBSR/R***

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ ଅନୁଷ୍ଠିତ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକରେ ଯୋଗଦେବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରବାସୀ ଭାରତୀୟ ଦିବସ ୱେବସାଇଟ୍ ଉନ୍ମୋଚନ କରିବେ।

କାର୍ଯ୍ୟକ୍ରମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ଯୋଗଦେବେ। ମୁଖ୍ୟମନ୍ତ୍ରୀ ବୁଧବାର ଦିନ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବ ।

***GNR***

# ପ୍ରଧାନ-ଏଜୁକେସନ୍ ୱାର୍କସପ୍

ଦେଶକୁ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଶିକ୍ଷା ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସଚିବଙ୍କ ସହ ଉଚ୍ଚ ଓ ବୈଷୟିକ ଶିକ୍ଷା ଉପରେ ଦୁଇ ଦିନିଆ ଜାତୀୟ କର୍ମଶାଳାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି, ନେତୃତ୍ୱ, ପାଠ୍ୟକ୍ରମ, ବହୁବିଷୟକ ଗବେଷଣା ଏବଂ କ୍ୟାମ୍ପସ ଜୀବନ ଭଳି ୫ଟି ପ୍ରମୁଖ ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଏହି କର୍ମଶାଳା ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୂଆ ଶିକ୍ଷାନୀତିକୁ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବା ସହ ସମଗ୍ର ଦେଶରେ ଅଧିକ

ସୁଦୃଢ଼, ସମାବେଶୀ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥା ପାଇଁ ମାର୍ଗ ପ୍ରଶସ୍ତ କରିବ।

ଏହି ଦୁଇ ଦିନିଆ କର୍ମଶାଳାରେ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା, ଆହ୍ୱାନ ଏବଂ ରୋଡମ୍ୟାପ୍ ଭଳି ବିଷୟବସ୍ତୁ ଉପରେ ୧୪ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ।

***HS***

## ଉଭବ

ଭୁବନେଶ୍ୱରରେ ଆଜିଠାରୁ ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ-୨୦୨୪ 'ଉଭବ' ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ଶିକ୍ଷା ସମିତି ସହାୟତାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ର ମନ୍ତ୍ରୀ ଦୁର୍ଗା ଦାସ ଉଇକେ ଓ ରାଜ୍ୟ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିବା ଏହି ସମାରୋହରେ ୨୨ଟି ରାଜ୍ୟର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୧ ହଜାର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ୨୫୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଭଗବାନ ବିର୍ସା ମୁଣ୍ଡାଙ୍କ

୧୫୦ତମ ଜୟନ୍ତୀ ଅବସରରେ ଓଡ଼ିଶାର ପ୍ରଥମଥର ପାଇଁ ଏହି ସମାରୋହ ଆୟୋଜନ କରାଯାଇଛି। ଏଥିରେ ଛାତ୍ରଛାତ୍ରୀମାନେ ୪୭ଟି ପ୍ରକାର ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡ଼ିଛି।

***BBSR/R***

## ବିଜୁ ପଟ୍ଟନାୟକ ବିମାନ ବନ୍ଦର ସୁରକ୍ଷା

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଇନ୍-ଲାଇନ୍ ଲଗେଜ୍ ହ୍ୟାଣ୍ଡେଲିଂ ସିଷ୍ଟମ ବ୍ୟବସ୍ଥା ଆରମ୍ଭ ହୋଇଛି। ବେସାମରିକ ବିମାନ ଚଳାଚଳ ବିଭାଗର ଅନୁମତି ପରେ ୨୫ କୋଟି ଟଙ୍କା ବ୍ୟୟରେ ଏହି ନୂଆ ସୁରକ୍ଷା ବ୍ୟବସ୍ଥା ଆରମ୍ଭ କରାଯାଇଛି। ଫଳରେ ଚେକ୍-ଇନ୍ ସ୍ଥାନରେ ଭିଡ଼ ହ୍ରାସ ପାଇବା ସହ ବ୍ୟାଗ୍ ଯାଞ୍ଚ ପ୍ରକ୍ରିୟା ଉନ୍ନତ ତଥା ସରଳ ହେବ। ସମ୍ପ୍ରତି ବିମାନ ବନ୍ଦରଗୁଡ଼ିକୁ ବାରମ୍ବାର ବୋମା ଧମକ ମିଳୁଥିବାରୁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି।

***Kandhamala***

## ପୁଲିସ ମହାନିର୍ଦ୍ଦେଶକ- ମାଓବାଦୀ ମୁକାବିଲା

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆଜି କନ୍ଧମାଳ ଜିଲ୍ଲାରେ ମାଓବାଦୀ ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ସମୟରେ ମାଓବାଦୀ ମୁକାବିଲା ନେଇ କନ୍ଧମାଳ, ରାୟଗଡ଼ା, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି ଓ ନୟାଗଡ଼ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କ ସହ ପୁଲିସ ମହାନିର୍ଦ୍ଦେଶକ ବୈଠକ କରିଛନ୍ତି।

***Gajapati/Puri***

## ପଞ୍ଚୁକ ବ୍ରତ

କାର୍ତ୍ତିକ ମାସର ପଞ୍ଚୁକ ବ୍ରତ ଆଜିଠାରୁ ଆରମ୍ଭ ହୋଇଛି । ରାଜ୍ୟର ଶୈବପୀଠ ଗୁଡ଼ିକରେ ଏଥିପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ଚଳିତ ବର୍ଷ ଏହି ବ୍ରତ ପାଞ୍ଚଦିନ ପରିବର୍ତ୍ତେ ୪ ଦିନ ପାଳିତ ହେଉଛି । ମହାପ୍ରଭୁ ୪ ଦିନରେ ୪ଟି ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ବଡ଼ଏକାଦଶୀ ତିଥିରେ ଆଜି ଶ୍ରୀଜୀଉ ଶ୍ରଦ୍ଧାଳୁଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଉଛନ୍ତି। ଆସନ୍ତାକାଲି ବାଙ୍କଚୂଡ଼ ବା ବାମନ ବେଶ, ୧୪ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ ଓ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣମୀରେ ମହାପ୍ରଭୁ ରାଜାଧିରାଜ ବେଶ ବା ସୁନାବେଶରେ ଦର୍ଶନ ଦେବେ । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ମରିଚିକୋଟ ଛକରୁ ନିର୍ମାଣ ହୋଇଥିବା ବ୍ୟାରିକେଡ୍ ମାଧ୍ୟମରେ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରୁଛନ୍ତି । ମାର୍କେଟ ଛକଠାରୁ ଗାଡ଼ି ଚଳାଚଳ ଉପରେ କଟକଣା ଜାରି ହେବା ସହ ସମୁଦ୍ର ଏବଂ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଲାଇଫ୍ ଗାର୍ଡ ଓ ପୁଲିସ୍ କର୍ମଚାରୀଙ୍କୁ ମୁତୟନ କରାଯାଇଛି ।

ସେହିଭଳି କଟକର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ପଞ୍ଚୁକ ବ୍ରତ ଓ ବଡ଼ଓଷା ଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲି ବଡ଼ଓଷା ଏବଂ ଗୁରୁବାର ୧୪ ତାରିଖରେ ଗଜଭୋଗ ବିତରଣ କରାଯିବ। ବାବା

ଧବଳେଶ୍ୱର ଆଜି ଶ୍ରଦ୍ଧାଳୁଙ୍କୁ ଚନ୍ଦ୍ରଚୂଡ଼ ବେଶରେ ଦର୍ଶନ ଦେଉଛନ୍ତି। ପୀଠରେ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ଫୋର୍ସ ମୁତୟନ କରାଯାଇଛି।

ଗଜପତି ଜିଲ୍ଲାର ଶ୍ରୀକ୍ଷେତ୍ର ସମେତ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁମାନେ ପାହାନ୍ତା ପ୍ରହରରୁ ତିନି ଠାକୁର ଓ ମହାଦେବଙ୍କ ଦର୍ଶନ କରୁଛନ୍ତି। ପ୍ରସିଦ୍ଧ ପଞ୍ଚୁଲିଙ୍ଗେଶ୍ୱର, ଗୋପେଶ୍ୱର, ରାମଲିଙ୍ଗେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହେଉଛି।

***I&PR***

## ରାଜ୍ୟସ୍ତରୀୟ ସୁରଭି

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁମହୋତ୍ସବ 'ସୁରଭି' ଆଜି ସନ୍ଧ୍ୟାରେ ଆରମ୍ଭ ହେବ । ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ୍ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମାପନ ସମାରୋହରେ ଯୋଗ ଦେବେ ବୋଲି ସୂଚନା ମିଳିଛି । ଏଥିରେ ବ୍ଲକ୍ ଓ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନିଦିନିଆ ମହୋତ୍ସବରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ ପରିଭ୍ରମଣ,

ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ୍‌କାର, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ।

***CTC***

## କଟକ- ବାଲିଯାତ୍ରା

କଟକ ଐତିହାସିକ ବାଲିଯାତ୍ରା ଆଉ ମାତ୍ର ଦୁଇଦିନ ପରେ ଆରମ୍ଭ ହେବ। ଏଥିପାଇଁ ନିମନ୍ତ୍ରଣ ଓ ବାର୍ତ୍ତା ନେଇ ତଳବାଲିଯାତ୍ରା ପଡ଼ିଆରୁ ପ୍ରଜ୍ଞାପନ ରଥ ଗଡ଼ିଛି। ଏହି ରଥ ବାଲିଯାତ୍ରା ଓ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ଗୌରବର ବାର୍ତ୍ତା ନେଇ ବିଭିନ୍ନ ଜିଲ୍ଲା ପରିଦର୍ଶନ କରିବ।

ବାଲିଯାତ୍ରା ପ୍ରସ୍ତୁତି ତଥା ଶୃଙ୍ଖଳିତ ପରିଚାଳନା ନେଇ ଉନ୍ନୟନ କମିଶନର ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀମତୀ ଗର୍ଗ ନୌବାଣିଜ୍ୟ ସଂଗ୍ରହାଳୟଠାରେ ସଚିବ, ପୁଲିସ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ସମସ୍ତ କାର୍ଯ୍ୟ ଯଥା ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଲିଯାତ୍ରା ସମୟରେ ଟ୍ରାଫିକ କଟକଣା, ଭିଡ଼ ନିୟନ୍ତ୍ରଣ, ଅଗ୍ନି ନିରାପତ୍ତା, ସ୍ୱାସ୍ଥ୍ୟସେବା ଓ ପରିମଳ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିଭଳି ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଉତ୍ସବର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ବାଲିଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବାର

କାର୍ଯ୍ୟସୂଚୀ ରହିଛି । ତାଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ଉପସ୍ଥିତ ରହିବେ । ଚଳିତ ବର୍ଷ ବାଲିଯାତ୍ରାରେ ଦକ୍ଷିଣ-ପୂର୍ବ ଦେଶମାନଙ୍କର ରାଷ୍ଟ୍ରଦୂତମାନେ ଯୋଗଦେବେ ବୋଲି ଜଣାପଡ଼ିଛି । ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଥାଇଲାଣ୍ଡ, ନେପାଳ, ଭୂଟାନ, ଶ୍ରୀଲଙ୍କା, ବାଲି, ଇଣ୍ଡୋନେସିଆ ଆଦି ଦେଶରୁ କଳାକାରମାନେ ଯୋଗଦେବେ । ବାଲିଯାତ୍ରା ପ୍ରସ୍ତୁତି ସମ୍ପର୍କରେ କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କହିଛନ୍ତି...

**- V/O -**

ବାଲିଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ।

***Nayagada***

# ଜନଜାତୀୟ ଗୌରବ ଦିବସ

ନୟାଗଡ଼ରେ ଆସନ୍ତା ୧୫ ତାରିଖରେ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ କରାଯିବା ଲାଗି ନିଷ୍ପତ୍ତି ହୋଇଛି । ଏଥିଲାଗି ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ପାଳନ ଅବସରରେ ଆସନ୍ତା ୧୫ରୁ ୨୬ ତାରିଖ ପର୍ଯ୍ୟନ୍ତ ୧୧୩ଟି ଜନଜାତି ବହୁଳ ଗ୍ରାମ ପ୍ରଶାସନ ପକ୍ଷରୁ ଗ୍ରାମସଭା କରାଯିବ । ଏଥିରେ ଦଶପଲ୍ଲା ବ୍ଲକର ୧୧୦ଟି

ଗ୍ରାମ, ନୂଆଗାଁ ବ୍ଲକର ୨ଟି ଏବଂ ଗଣିଆ ବ୍ଲକର ଗୋଟିଏ ଗ୍ରାମକୁ ସାମିଲ କରାଯାଇଛି।